# ଖଦ୍ୟୋତର ଖେଦ

ଖେଦେ କହେ ଖଦ୍ୟୋତ ମୁଁ ଅତି କ୍ଷୁଦ୍ର ଜୀବ
କି ବିଚାରି ପକ୍ଷ ମୋତେ ଦେଇଛି ଦଇବ,
ରଜନୀରେ ଉଡ଼େ ଲୁଚି ଉପହାସ ଡରେ,
ଅବା ଦୂରେ ବସିଥାଏଁ ପାଦପ ପତରେ

ଅଙ୍ଗେ ମୋର ଜ୍ୟୋତି ଥିବା ନାହିଁ ମୋତେ ଜଣା,
ନ ଚାହେଁ ମୁଁ ଜ୍ୟୋତିଷ୍କରେ ହେବା ପାଇଁ ଗଣା ।
ତଥାପି ମାନବେ ମୋତେ ଉପହାସ କରି
ବୋଲନ୍ତି ଖଦ୍ୟୋତ କାହିଁ ହେବ ଚନ୍ଦ୍ର ସରି ?

କାହିଁ ଚନ୍ଦ୍ର, ମିଳେ ତାଙ୍କୁ ପ୍ରଭାକର କର,
ମୋ ଜ୍ୟୋତିକଣିକା ନିଜ କ୍ଷୁଦ୍ର ଜୀବନର ।
କରି ନ ଜାଣଇ ପର ଧନେ ଅଭିମାନ,
କେମନ୍ତେ ପାରିବି ହୋଇ ଚନ୍ଦ୍ରମା ସମାନ ?

ନ କର ମାନବେ କ୍ଷୁଦ୍ର ଜୀବେ ଉପହାସ
ନିଜର ଜୀବନ-ଜ୍ୟୋତି କର ପରକାଶ ।

# ସୂର୍ଯ୍ୟ ପ୍ରତି ଦୀପ

ଭାସ୍କରେ ନାମକୁ ସୂର୍ଯ୍ୟ କରୁଛ ସଫଳ,
ଆଲୋକିତ କରି ଚର ଅଚର ସକଳ ।
ମୋର ପ୍ରତି ପ୍ରତିକୂଳ ହେଲ କି କାରଣ,
ଯା'ଥିଲା ମୋ ପ୍ରଭାଟିକ ତା କଲ ହରଣ ।

ତୁମ୍ଭ ରିପୁ ତମ, ତାକୁ ନାଶ ଏ ସଂସାରେ,
ମୁହିଁ ତମ ନାଶିଥାଏଁ ଶକ୍ତି ଅନୁସାରେ ।
ଉଚିତ ଅଟଇ ମୋହଠାରେ ତୁମ୍ଭ ତୋଷ,
କିନ୍ତୁ ମୋ ଆଲୋକ ନାଶ ଦେଖି କେଉଁ ତୋଷ ?

ଅନ୍ଧକାର ସଙ୍ଗେ କଲ ମୋ ଆଲୋକ ଗଣ୍ୟ,
ଧନ୍ୟ ପ୍ରଭାକର ତୁମ୍ଭ ମିତ୍ର ନାମ ଧନ୍ୟ !
ନୟନ ଦେବତା ତୁମ୍ଭେ ଏ କି ଚମତ୍କାର,
ନ ପାରିଲ ବାରି ନିଜେ ଆଲୋକ ଅନ୍ଧାର ।

ଏହି ସ୍ୱଭାବରୁ ତୁମ୍ଭେ ହେଲେ ଯେତେ ବଡ଼,
ଚିହ୍ନା ପଡ଼ିଗଲ ସିନା ଦେବ ନୁହ ଜଡ଼ !